ସକାଳ
THE SAKALA



**ମହିଳା ସଂରକ୍ଷଣ ପ୍ରସଙ୍ଗରେ ବର୍ଷିଲା କଂଗ୍ରେସ**

# କୁମ୍ଭୀର କାନ୍ଦଣା ବନ୍ଦ କରୁ ବିଜେପି

ପୁରୀ, ୨୩।୪(ସମିସ)




ମହିଳା ସଂରକ୍ଷଣ ବିଲ୍‌କୁ ନେଇ ଏବେ ତେଜିଛି ରାଜନୀତି। ନାରୀ ଶକ୍ତି ବନ୍ଦନ ଆଇନ ସଂଶୋଧନ ବିଲ୍ ୨୦୨୬ ମହିଳା ଶକ୍ତି ବିରୋଧରେ ବିଜେପି ଷଡ଼ଯନ୍ତ୍ର କରି ଆଗତ କରିଥିଲା। ସଂସଦରେ ଏହା କାଟ୍ ଖାଇବା ପରେ ବିଜେପି ନିଜ ରାଜନୈତିକ ଫାଇଦା ପାଇଁ ଏବେ ଉଦ୍ୟମ କରୁଛି। ମହିଳାଙ୍କ ସଂରକ୍ଷଣ ପାଇଁ ବିଜେପି କୁମ୍ଭୀର କାନ୍ଦଣା ବନ୍ଦ କରୁ ବୋଲି କହିଛି କଂଗ୍ରେସ। ଗୁରୁବାର ପୁରୀ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ନାରୀ ଶକ୍ତି ବନ୍ଦନ ଆଇନ ସଂଶୋଧନ ବିଲ୍ ଆଗତ ସମୟକୁ ନେଇ ବିଜେପି ବିରୋଧରେ ବର୍ଷିଛନ୍ତି ଦଳୀୟ ନେତୃତ୍ୱ।

ଏହି ସାମ୍ବାଦିକ ସମ୍ମିଳନୀରେ ଶାସକ ଦଳ ତରଫରୁ ଗତ କିଛିଦିନ ତଳେ ମହିଳା ସଂରକ୍ଷଣ ବିଲ୍ ପ୍ରସଙ୍ଗରେ ବିରୋଧୀ ଦଳ ବିଶେଷକରି କଂଗ୍ରେସର ଭୂମିକା ବିଷୟରେ ଅପପ୍ରଚାର ରୋକିବା ଏବଂ କଂଗ୍ରେସ ଦଳର ମହିଳା ସଂରକ୍ଷଣ ସମ୍ପର୍କିତ ଭୂମିକା ବିଷୟରେ ଆଲୋକପାତ କରାଯାଇଥିଲା। ଏଥିରେ ପୁରୀ ଜିଲ୍ଲା କଂଗ୍ରେସ କମିଟି ସଭାପତି ଇଂ. ରାଜେଶ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ ଏବଂ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ମନ୍ତ୍ରୀ ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚରେ ଜିଲ୍ଲା କଂଗ୍ରେସର ଦୁଇ ପ୍ରମୁଖ ନାରୀନେତ୍ରୀ ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ସରସ୍ୱତୀ ପାତ୍ର ଏବଂ ପୁରୀ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ଉତ୍ତମ କୁମାର ଆଚାର୍ଯ୍ୟ ମଞ୍ଚାସୀନ ଥିଲେ। ଏଥିରେ ଜିଲ୍ଲା ସଭାପତି ଇଂ. ମିଶ୍ର ୧୯୮୯ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଭାରତରତ୍ନ ରାଜୀବ ଗାନ୍ଧୀ ସମୟରୁ ପଞ୍ଚାୟତ ଓ ପୌରସଂସ୍ଥାରେ ୩୩ ପ୍ରତିଶତ ମହିଳାମାନଙ୍କ ପାଇଁ ଆସନ ସଂରକ୍ଷଣ ଭଳି ଯୁଗାନ୍ତକାରୀ ପଦକ୍ଷେପଠାରୁ ଆରମ୍ଭ କରି କଂଗ୍ରେସ ସରକାର ସମୟରେ ଏ ସଂକ୍ରାନ୍ତରେ ନିଆଯାଇଥିବା ସମସ୍ତ ପଦକ୍ଷେପ ବିଷୟରେ ଆଲୋକପାତ କରିଥିଲେ। ଏଥିସହିତ ଅନ୍ୟ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ପର୍ଯ୍ୟାଲୋଚନା କରିଥିଲେ। ପ୍ରଥମତଃ ୨୦୨୩ରେ ସମ୍ପୂର୍ଣ୍ଣ ବିରୋଧୀ ଦଳର ସମର୍ଥନରେ ପାରିତ ହୋଇଥିବା ମହିଳା ସଂରକ୍ଷଣ ବିଲ୍ ୨୦୨୬ ମସିହା ପର୍ଯ୍ୟନ୍ତ କାହିଁକି କାର୍ଯ୍ୟକାରୀ କରାଯାଇ ନ ଥିଲା ସେ ବିଷୟରେ ପ୍ରଶ୍ନ କରିଥିଲେ। ଏଥିସହ ଦୁଇଟି ରାଜ୍ୟର ନିର୍ବାଚନ ପ୍ରକ୍ରିୟା ଚାଲିଥିବାବେଳେ ତରବରିଆ ଭାବେ ପୁନର୍ବାର ମହିଳା ସଂରକ୍ଷଣ ବିଲ୍‌କୁ ସୀମା ନିର୍ଦ୍ଧାରଣ ବିଲ୍ ସହିତ ଯୋଡ଼ି ନିଜର ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ନ ଥିବା ଜାଣି ମଧ୍ୟ କାହିଁକି ପାରିତ କରିବା ପାଇଁ ଅପଚେଷ୍ଟା କରିଥିଲେ ବୋଲି ପ୍ରଶ୍ନ କରିଥିଲେ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ନିର୍ବାଚନ ପ୍ରକ୍ରିୟା ଚାଲିଥିବାବେଳେ ନିଜେ ଦେଶର ପ୍ରଧାନମନ୍ତ୍ରୀ ନିଜ ପଦ ଗରିମା ଭୁଲି ସରକାରୀ କଳର ଅପବ୍ୟବହାର କରିଥିଲେ। କଂଗ୍ରେସର ଭୂମିକାକୁ ଜନସାଧାରଣଙ୍କ ସମ୍ମୁଖରେ ଅସତ୍ୟ ପରିବେଷଣ କରି ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଥିବାବେଳେ ନିର୍ବାଚନ କମିଶନଙ୍କ ନିରବତା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ବୋଲି ମତପ୍ରକାଶ କରିଥିଲେ।

ଅନ୍ୟପକ୍ଷରେ ବରିଷ୍ଠ କଂଗ୍ରେସ ନେତା ସୁରେଶ ରାଉତରାୟ ବିଜେପି ଦଳର ମହିଳାମାନଙ୍କ ଆସନ ସଂରକ୍ଷଣ ବାବଦରେ ବିଭିନ୍ନ ସମୟରେ ଦୋହରା ଚରିତ୍ରକୁ ତୀବ୍ର ସମାଲୋଚନା କରିଥିଲେ। ସେ ମଧ୍ୟ ନାରୀମାନଙ୍କୁ ଉପଯୁକ୍ତ ପ୍ରତିନିଧିତ୍ୱ ପାଇଁ କଂଗ୍ରେସ ଦଳର ଅବଦାନ ବିଷୟରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ୨୦୨୩ ସେପ୍ଟେମ୍ବରରେ ଏହି ବିଲ୍ ପାରିତ ହୋଇଥିଲା। ୨୦୨୪ରେ କାହିଁକି ଏହାକୁ କାର୍ଯ୍ୟକାରୀ କରାଗଲା ନାହିଁ। ୩ ବର୍ଷ ପରେ ୨ଟି ରାଜ୍ୟରେ ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ନୂତନ ବିଲ୍ ପାସ୍ କରିବାକୁ କାହିଁକି ବିଜେପି ଆଗଭର ହେଲା ବୋଲି ସେ ପ୍ରଶ୍ନ କରିଥିଲେ। ଏଥିସହ ଶ୍ରୀ ରାଉତରାୟ ଆହୁରି କହିଥିଲେ ଯେ, ବିଜେପି କ୍ଷମତାକୁ ଆସିବା ପରେ ରାଜ୍ୟରେ ବିକାଶ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। କଥା ଛଳରେ ବିଜେପି ସରକାର ଗୋଟିଏ ବି ଶାଳଘର ତିଆରି କରିପାରିନି ବୋଲି କହି ରାଜ୍ୟ ସରକାରଙ୍କୁ ତାଚ୍ଛଲ୍ୟ କରିଥିଲେ ଶ୍ରୀ ରାଉତରାୟ। ଆଧ୍ୟାତ୍ମିକ ସହର ପୁରୀ ବିକାଶରେ ଜାନକୀ ପଟ୍ଟନାୟକ ଏବଂ ନବୀନ ପଟ୍ଟନାୟକଙ୍କ ବଡ଼ ଅବଦାନ ରହିଛି। ଆଜି ଯଦି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଏତେ ସୁନ୍ଦର ହୋଇପାରିଛି ଏବଂ ପୁରୀ ସହରର ସାମଗ୍ରୀକ ବିକାଶ ହୋଇଛି ତାହା କେବଳ ନବୀନଙ୍କ ପାଇଁ ସମ୍ଭବ ହୋଇଛି ବୋଲି କହିଥିଲେ। ଏହି ଅବସରରେ ଜିଲ୍ଲା କଂଗ୍ରେସର ବରିଷ୍ଠ ନେତୃବୃନ୍ଦ, ସମସ୍ତ କାର୍ଯ୍ୟକର୍ତ୍ତା, ନିମନ୍ତ୍ରିତ ସଦସ୍ୟ ତଥା ବିଭିନ୍ନ ସାମ୍ମୁଖ୍ୟର ମୁଖ୍ୟ, ଯୁବ ଛାତ୍ର କର୍ମକର୍ତ୍ତା ଏବଂ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ପଞ୍ଚାୟତ ନିର୍ବାଚନ ପାଇଁ ସଜେଇ ହେଉଛି କଂଗ୍ରେସ

**ଗମ୍ଭାରୀପଦା, ୨୩।୪(ସମିସ):** ବହୁ ବର୍ଷ ଧରି କାକଟପୁର ନିର୍ବାଚନମଣ୍ଡଳୀ ଶାସନ କ୍ଷମତା ହାତେଇବାରେ କାକଟପୁର କଂଗ୍ରେସ କମିଟିର ବିଫଳତା ଲାଗିରହିଛି। ପୂର୍ବତନ ବିଧାୟକ ବୈକୁଣ୍ଠ ସ୍ୱାଇଁଙ୍କ ଆବର୍ତ୍ତନ ପରେ କାକଟପୁର ନିର୍ବାଚନମଣ୍ଡଳୀକୁ ନେତୃତ୍ୱ ଦେବାକୁ ସେଭଳି ଦୃଢ଼ ନେତୃତ୍ୱରେ ଅଭାବ କଂଗ୍ରେସ କର୍ମୀମାନେ ସର୍ବଦା ଅନୁଭବ କରୁଛନ୍ତି। ବହୁଦିନ ଧରି ଦଳ କ୍ଷମତାଠାରୁ ଦୂରରେ ରହିବା ଫଳରେ କେତେକ କର୍ମୀ ଓ ଭୋଟର ବିକଳ୍ପ ଭାବେ ଅନ୍ୟ ଦଳକୁ ଢଳି ଏକରକମ କଂଗ୍ରେସ ସଂଗଠନ ପ୍ରତି କ୍ଷତି ପହଞ୍ଚାଇଛନ୍ତି। ଗତ ସାଧାରଣ ନିର୍ବାଚନରେ କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କ ସମେତ ବ୍ଲକ କଂଗ୍ରେସ ସଭାପତିଙ୍କ ବିଜେପି ପ୍ରତି ଆକର୍ଷଣ ଏବଂ ପରବର୍ତ୍ତୀ ସମୟରେ ବିଜେପି ଟିକଟ ନ ପାଇ ପୁନର୍ବାର ଦଳକୁ ପ୍ରତ୍ୟାବର୍ତ୍ତନ କରି କଂଗ୍ରେସ ଟିକଟରେ ବିଧାୟକ ପ୍ରାର୍ଥୀ ହେବା, କଂଗ୍ରେସ ସଂଗଠନ ଓ ଦଳ ପ୍ରତି କ୍ଷତି ପହଞ୍ଚାଇଥିଲା। କଂଗ୍ରେସ ଦଳରେ ଏଭଳି ସିଦ୍ଧାନ୍ତ ସଚ୍ଚୋଟ କଂଗ୍ରେସ କର୍ମୀଙ୍କ ମନୋବଳକୁ ଦୁର୍ବଳ କରିଦେଇଛି। ରାଜ୍ୟର ନୂଆ ମୁଖିଆ ବର୍ତ୍ତମାନ ଜିଲ୍ଲା, ବ୍ଲକ ଓ ପଞ୍ଚାୟତସ୍ତରରେ ସଂଗଠନକୁ ସୁଦୃଢ଼ କରିବା ପାଇଁ କେତେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଅନ୍ୟପକ୍ଷରେ କାକଟପୁରରେ କଂଗ୍ରେସର ପୁରାତନ ସଂଗଠକ ସତ୍ୟବ୍ରତ ପାତ୍ର ପୁନର୍ବାର କଂଗ୍ରେସକୁ ଫେରିଥିବାରୁ କାକଟପୁର ବ୍ଲକରେ ଥିବା ତାଙ୍କର ସମର୍ଥକଙ୍କ ମଧ୍ୟରେ ଦଳକୁ ସଂଗଠିତ କରିବା ପାଇଁ ଉତ୍ସାହ ବୃଦ୍ଧି ପାଇଛି। ହେଲେ କାକଟପୁର ବ୍ଲକର ସଚେତନ ଭୋଟର ସ୍ଥାନୀୟ ସମସ୍ୟା ସହିତ ଅଞ୍ଚଳର ସଂଗଠନର ପଦଧାରୀ ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱକୁ ପରଖିବା ସହ କଂଗ୍ରେସର ଜାତୀୟ ନୀତିକୁ ଅନୁଧ୍ୟାନ କରି ମାପିଚୁପି ଭୋଟ୍ ଦେବେ ବୋଲି ରାଜନୈତିକ ସମୀକ୍ଷକମାନେ ମତପୋଷଣ କରିଛନ୍ତି।

## ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଦୁଇଟି ପ୍ରକଳ୍ପର ଶିଳାନ୍ୟାସ



**ନିମାପଡ଼ା, ୨୩।୪(ସମିସ):** ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ପରିସରରେ ଗୁରୁବାର ଅପରାହ୍ଣରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୨ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଯାଇଛି। ଗୋପ ବ୍ଲକ ମଦରଙ୍ଗଠାରେ ୯୨.୪୦ ଲକ୍ଷ ଟଙ୍କାରେ ବ୍ୟୟ ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ କରାଯିବ। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ବନ୍ତୁଳିଗାଁ ଓ କୁଆପଦା ପଞ୍ଚାୟତର ୨୦ଟି ଗ୍ରାମର ଜନସାଧାରଣ ସହଜରେ ସ୍ୱାସ୍ଥ୍ୟସେବା ପାଇପାରିବେ। ସେହିପରି ସେତୁବନ୍ଧ ଯୋଜନାରେ ଏଫ୍‌ଏନ୍‌ଏମ୍ ରାସ୍ତା ଚଢ଼ାଗାଁ ସଂଯୋଗ କରୁଥିବା ଏକ ସେତୁ ଯାହାର ଅଟକଳ ମୂଲ୍ୟ ୫ କୋଟି ୬୨ ଲକ୍ଷ ୭୯ ହଜାର ଟଙ୍କା। ଏହି ସେତୁଟି ନିର୍ମାଣ ପରେ ବାହାରଣା ଓ ତମ୍ପାଲୋ ପଞ୍ଚାୟତର ଖୁଲିସ, ଅଟେଇହୁଡ଼ା, ଦିନେଇଲୋ, ଦୁର୍ଗେଶ୍ୱର, ସଫିପୁର, ଚଢ଼େଇଗାଁ ଓ ପାଞ୍ଚବାଟିଆ ଆଦି ୭ଟି ଗ୍ରାମର ଜନସାଧାରଣ ଉପକୃତ ହେବେ। ଏହି ଶିଳାନ୍ୟାସ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହିତ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ମୌସୁମୀ ମିଶ୍ର, ସାଂସଦଙ୍କ ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଏନ୍‌ଏସି ପ୍ରତିନିଧି ମୀନଲତା ମହାନ୍ତି, ମନ୍ତ୍ରୀଙ୍କ ପ୍ରତିନିଧି ଯତିନ୍ଦ୍ର ସ୍ୱାଇଁଙ୍କ ସମେତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ୧୨ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ



**ନିମାପଡ଼ା, ୨୩।୪(ସମିସ):** ପୁରୀ ଜିଲ୍ଲା ଅବକାରୀ ବିଭାଗ ନିର୍ଦ୍ଦେଶକ ଜଗଦୀଶ ସାମଲଙ୍କ ନିର୍ଦ୍ଦେଶ କ୍ରମ ନିମାପଡ଼ା ଅବକାରୀ ଇନ୍ସପେକ୍ଟର ପ୍ରଭାକର ସେଠୀ ଗୁରୁବାର ଜଣେ ବ୍ରାଉନ୍‌ସୁଗର ବ୍ୟବସାୟୀକୁ ଗିରଫ କରିଛି। ସୂଚନା ମୁତାବକ, ଏହି ଥାନା ଅନ୍ତର୍ଗତ ନିମାପଡ଼ା-ପିପିଲି ମୁଖ୍ୟ ରାସ୍ତାର ପେଟାଘାଇ ଛକ ନିକଟରେ ଦିପିରେଣ୍ଟା ଗ୍ରାମର ବଟକୃଷ୍ଣ ସାହୁ ବ୍ରାଉନ୍‌ସୁଗର ବିକ୍ରି କରୁଥିବା ସୂଚନା ପାଇ ସେଠାରେ ଚଢ଼ଉ କରି ତା' ନିକଟରୁ ୧୨୦ ଗ୍ରାମ୍ ବ୍ରାଉନ୍‌ସୁଗର ଯାହାର ଆନୁମାନିକ ମୂଲ୍ୟ ୧୨ ଲକ୍ଷ ଟଙ୍କା ହେବ ଏବଂ ୭ଶହ ଟଙ୍କା, ଏକ ବାଇକ୍ ଜବତ କରିଛି। ଏନେଇ ଅବକାରୀ ଥାନା ଅଭିଯୁକ୍ତ ବଟକୃଷ୍ଣ ବିରୋଧରେ ୮/୨୬ରେ ଏକ ମାମଲା ରୁଜୁ କରି ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

## ୮ ଲିଟର ଚୋରା ମଦ ଜବତ, ଜଣେ ଗିରଫ

**ନିମାପଡ଼ା, ୨୩।୪(ସମିସ):** ନିମାପଡ଼ା ପୁଲିସ ଗୁରୁବାର ଜଣେ ଚୋରା ମଦ



ବ୍ୟବସାୟୀକୁ ଗିରଫ କରିବା ସହ ତାଙ୍କ ନିକଟରୁ ୪୫ ବୋତଲ ବା ୮ ଲିଟର ଚୋରା ମଦ ଜବତ କରିଛି। ସୂଚନା ମୁତାବକ, ନିମାପଡ଼ା ଥାନା ଏସ୍‌ଆଇ କୃଷ୍ଣଚନ୍ଦ୍ର ପୃଷ୍ଟି ପାଟ୍ରୋଲିଂ କରୁଥିବା ସମୟରେ ଏହି ଥାନା ଅନ୍ତର୍ଗତ ଆମରଙ୍ଗ ଗ୍ରାମର ଆଲୋକ ସ୍ୱାଇଁ ମଦ ବିକ୍ରି କରୁଥିବା ସୂଚନା ପାଇ ସେଠାରେ ଚଢ଼ଉ କରିଥିଲେ। ତାଙ୍କ ନିକଟରୁ ୪୫ ବୋତଲ ଚୋରା ମଦ ଜବତ କରିବା ସହ ଆଲୋକଙ୍କୁ ଗିରଫ କରି ତାଙ୍କ ବିରୋଧରେ ୧୧୧/୨୬ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

## ଦେସ୍ଥଳୀରେ ୧୫୦ତମ ମେଳଣ



**ନୟାହାଟ, ୨୩।୪(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳୀଠାରେ ବାରଗାଦି ମେଳଣ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ୧୫୦ତମ ମେଳଣ ପୂର୍ତ୍ତି ଅବସରରେ ଦୀର୍ଘ ୫ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସମାଜସେବୀ ମକରଧ୍ୱଜ ସ୍ୱାଇଁ ଜଣାଇଛନ୍ତି। ଆଖପାଖ ଗ୍ରାମର ଲୋକମାନଙ୍କ ସହଯୋଗରେ ଉକ୍ତ ମେଳଣ ଅନୁଷ୍ଠିତ ହେଉଥିବାରୁ ଗୁରୁବାର ହଜାର ହଜାର ଭକ୍ତ ଠାକୁରଙ୍କ ପ୍ରସାଦସେବନ କରିଥିଲେ।

**ବିବାହିତା ମହିଳାଙ୍କୁ ପ୍ରେମ କରିବା ମହଙ୍ଗା ପଡ଼ିଲା**

## ନିଜ ସ୍ତ୍ରୀ ସହ ପ୍ରେମିକର ବିବାହ କରାଇଲେ ସ୍ୱାମୀ



**ଅସ୍ତରଙ୍ଗ, ୨୩।୪(ସମିସ):** ଜନୈକା ବିବାହିତା ମହିଳାଙ୍କୁ ପ୍ରେମ କରି ସମ୍ପୃକ୍ତ ଯୁବକଙ୍କୁ ମହଙ୍ଗା ପଡ଼ିଛି। ଉକ୍ତ ମହିଳାଙ୍କୁ ତାଙ୍କ ପ୍ରେମିକ ସହ ସ୍ୱାମୀ ନିଜ ଶୋଇବା ଘରେ ଧରିବା ସହ ପୁଲିସ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଦୁହିଁଙ୍କ ବିବାହ ସମ୍ପନ୍ନ କରାଇଛନ୍ତି। ସେପଟେ ନିଜ ସ୍ୱାମୀ ଓ ଦୁଇ ପୁତ୍ର ସନ୍ତାନଙ୍କୁ ଛାଡ଼ି ପ୍ରେମିକର ହାତ ଧରି ଆଉ ଏକ ଶାଶୂ ଘରକୁ ଯିବା ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି।

ଅସ୍ତରଙ୍ଗ ଥାନା ଅନ୍ତର୍ଗତ ବେଗୁନିଆବସ୍ତ ଗ୍ରାମର ମାନସ ସ୍ୱାଇଁ କିଛି ବର୍ଷ ପୂର୍ବେ ଅସ୍ତରଙ୍ଗ ଗ୍ରାମର ଜନୈକା ଯୁବତୀଙ୍କୁ ପ୍ରେମ ବିବାହ କରିଥିଲେ। ଉଭୟଙ୍କର ୧୩ ବର୍ଷ ଏବଂ ୮ ବର୍ଷର ଦୁଇଟି ପୁତ୍ର ସନ୍ତାନ ରହିଛନ୍ତି। ଦୀର୍ଘ ବର୍ଷ ହେବ ସମ୍ପୃକ୍ତ ମହିଳାଙ୍କ ସହିତ ସେହି ଗ୍ରାମର ରାଜେଶ ନାମକ ଯୁବକଙ୍କ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ସ୍ୱାମୀ ମାନସ ଅଟୋ ଚଳାଇ ନିଜର ପରିବାର ପ୍ରତିପୋଷଣ କରନ୍ତି। ଅଟୋ ନେଇ କୌଣସି ଭଡ଼ାରେ ମାନସ ଗଲା ପରେ ମହିଳା ଜଣକ ତାଙ୍କ ପ୍ରେମିକ ରାଜେଶଙ୍କୁ ନିଜ ଘରକୁ ଡକାଇଥା'ନ୍ତି। ଉଭୟଙ୍କ ମଧ୍ୟରେ ରହିଥିବା ପ୍ରେମ ସମ୍ପର୍କ ବିଷୟରେ ଗତ କିଛିଦିନ ହେବ ସ୍ୱାମୀ ମାନସ ଜାଣିବାକୁ ପାଇଥିଲେ। ସ୍ତ୍ରୀଙ୍କୁ ପ୍ରେମିକ ସହିତ ଧରିବା ପାଇଁ ବୁଧବାର ଭୁବନେଶ୍ୱର ଯିବେ ବୋଲି ଘରେ ନିଜ ପତ୍ନୀଙ୍କୁ ଜଣାଇଥିଲେ। ଘରୁ ଅଟୋ ନେଇ ବାହାରିଯାଇ ଏକ ସ୍ଥାନରେ ଲୁଚି ବସିଥିଲେ। ବିଳମ୍ବିତ ରାତିରେ ରାଜେଶ ତାଙ୍କ ଘରକୁ ଆସି ତାଙ୍କ ଶୋଇବା ଘର ଭିତରକୁ ଯାଇଥିଲେ। ଏହାପରେ ସ୍ୱାମୀ ମାନସ ବାହାରପଟୁ ତାଲା ପକାଇ ଗାଁ ଲୋକଙ୍କୁ ଡାକିବା ସହିତ ଅସ୍ତରଙ୍ଗ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ସେମାନେ ରହିଥିବା ଘରର ତାଲା ଖୋଲିବା ବେଳକୁ ଦୁଇଜଣଙ୍କୁ ଗୋଟିଏ ଘରେ ରହିଥିବା ଦେଖିବାକୁ ପାଇଥିଲେ। ଏହାପରେ ଦୁଇ ପ୍ରେମୀଯୁଗଳ ପରସ୍ପର ସହିତ ରହିବା ପାଇଁ ନିଷ୍ପତ୍ତି ନେଇଥିଲେ। ପୁଲିସ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ସ୍ୱଇଚ୍ଛାରେ ସ୍ୱାମୀଙ୍କୁ ଛାଡ଼ି ପ୍ରେମିକ ସହିତ ରହିବା ପାଇଁ ମହିଳା ଜଣକ ଚୁକ୍ତିପତ୍ରରେ ସ୍ୱାକ୍ଷର କରି ନିଜର ଦୁଇ ନାବାଳକ ପୁତ୍ର ସନ୍ତାନଙ୍କୁ ଛାଡ଼ି ପ୍ରେମିକ ରାଜେଶ ସହ ଚାଲିଯାଇଛନ୍ତି। ଏହି ଘଟଣା ଅସ୍ତରଙ୍ଗ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ବର୍ତ୍ତମାନ ସମାଜରେ ପରକୀୟା ପ୍ରୀତି ଏକ ମହାମାରୀର ରୂପ ନେଉଛି। ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ ପରକୀୟା ପ୍ରୀତି ଅପରାଧ ନୁହେଁ ପ୍ରକାଶ ପାଇବା ପରେ ଏହିଭଳି ଘଟଣା ଏବେ ସମାଜରେ ଅଧିକ ମାତ୍ରାରେ ଘଟୁଥିବା ଦେଖିବାକୁ ମିଳୁଛି।

## ଖଳା ପାଲଟିଛି ସର୍ବସାଧାରଣ ରାସ୍ତା; ପ୍ରଶାସନିକ ଦୃଷ୍ଟି ପଡୁନି



**କଣାସ, ୨୩।୪(ସମିସ):** କେନ୍ଦ୍ର ଓ ରାଜ୍ୟ ସରକାର ଗମନାଗମନର ସୁବିଧା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ମୁଖ୍ୟ ରାସ୍ତା ଓ ଗ୍ରାମ୍ୟ ରାସ୍ତା ଢଳେଇ ଓ ପିଚୁ କରିଛନ୍ତି। ତେବେ କଣାସ ବ୍ଲକର ଅନେକ ମୁଖ୍ୟ ରାସ୍ତା ଓ ଗ୍ରାମ୍ୟ ରାସ୍ତାକୁ ଚାଷୀମାନେ ଖଳାବାଡ଼ି ଭାବେ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଚାଷୀମାନେ ରାସ୍ତା ଉପରେ କଳେଇ ବିଡ଼ା ପକାଇ ଧାନ ଅମଳ କରୁଥିବାବେଳେ ବିରି, କୋଳଥ ପକାଇ ଅମଳ କରୁଛନ୍ତି। ଅନେକ ଚାଷୀ ମଧ୍ୟ ଧାନ ଅମଳ କରି ରାସ୍ତାରେ ଶୁଖାଉଛନ୍ତି। କୌଣସି ଯାନବାହନ ରାସ୍ତାକଡ଼ରେ ଚାଲିଯିବ ବୋଲି ପଥର ଓ କାଠ ଗଣ୍ଡି ପକାଉଥିବାରୁ ବାରମ୍ବାର ଦୁର୍ଘଟଣାମାନ ଘଟୁଛି। ବାଟୋଇ ଯଦି ପ୍ରତିବାଦ କରୁଛନ୍ତି, ଫସଲ ଅମଳ କରୁଥିବା ଚାଷୀ ସେମାନଙ୍କୁ ଗାଳିଗୁଲଜ କରୁଛନ୍ତି। ପୁଲିସ ପ୍ରଶାସନ ପକ୍ଷରୁ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଦିନକୁ ଦିନ ଏହି ବ୍ୟାଧି ବଢ଼ିବାରେ ଲାଗିଛି। ସର୍ବସାଧାରଣ ରାସ୍ତାରୁ ଏହାକୁ ବନ୍ଦ କରିବା ପାଇଁ ଦାବି ହେଉଛି।

## ନିମାପଡ଼ା ତହସିଲ୍‌ର ଅତ୍ୟାଧୁନିକ ସମ୍ମିଳନୀ କକ୍ଷ ଉଦ୍‌ଘାଟିତ



**ନିମାପଡ଼ା, ୨୩।୪(ସମିସ):** ନିମାପଡ଼ା ତହସିଲ୍ କାର୍ଯ୍ୟାଳୟ ପରିସରରେ ଗୁରୁବାର ଏକ ଅତ୍ୟାଧୁନିକ ସମ୍ମିଳନୀ କକ୍ଷକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିଛନ୍ତି। ତହସିଲ୍‌ଦାର ଡ. ମନୋଜ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ।

## ଗ୍ରୋସରୀ ଦୋକାନରୁ ଲକ୍ଷାଧିକ ଟଙ୍କା ଚୋରି

**ଚାରିଛକ, ୨୩।୪(ସମିସ):** ଚାରିଛକ ମୁଖ୍ୟବଜାର ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ଥିବା ସୁକାନ୍ତ ସାହୁଙ୍କ ଗ୍ରୋସରୀ ଦୋକାନ ଘର ଆଜ୍‌ବେଷ୍ଟସ ଭାଙ୍ଗି ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ନେଇ ସୁକାନ୍ତ ଚାରିଛକ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ଗୁରୁବାର ସକାଳୁ ସୁକାନ୍ତ ଦୋକନ ଘର ଖୋଲି ଦେଖିବା ସମୟରେ ତାଙ୍କ କ୍ୟାସ୍ ଡ୍ର ଭଙ୍ଗାହୋଇଛି। ସେଥିରେ ଥିବା ୧ ଲକ୍ଷ ୧୪ ହଜାର ଟଙ୍କା କେହି ଦୁର୍ବୃତ୍ତଉଠେଇନେଇଯାଇଥିବା ଦେଖିବାକୁ ପାଇଥିଲେ। ଏନେଇ ସୁକାନ୍ତ ଚାରିଛକ ଥାନାରେ ଅଭିଯୋଗ କରିବା ପରେ ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଆସି ତଦନ୍ତ ସାରି ଫେରିଯାଇଛନ୍ତି। ଚାରିଛକ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

## ଶିକ୍ଷକ ସଂଘ ସଭାପତିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରସ୍ତୁତି




**କଣାସ, ୨୩।୪(ସମିସ):** କଣାସ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ (ଏନ୍‌ପିଏସ୍)ର ସଭାପତି ପ୍ରତାପ କେଶରୀ ଛୋଟରାୟଙ୍କ ସେବା ନିବୃତ୍ତ ସମ୍ବର୍ଦ୍ଧନା ସଭା ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ କଣାସ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଣାସ ବ୍ଲକ ଶିକ୍ଷକ ସମନ୍ୱୟ ସମିତିର ସଭାପତି ପ୍ରହଲ୍ଲାଦ ମାନସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କଣାସ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ, ପ୍ରାଥମିକ ଶିକ୍ଷକ ସଂଘ (ଏନ୍‌ପିଏସ୍), ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ନେତୃବୃନ୍ଦ ତଥା ଶ୍ରୀ ଛୋଟରାୟଙ୍କ କାର୍ଯ୍ୟରତ ବାରଦା ବାଦଲପୁର ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଓ ଶିକ୍ଷକ ବୃନ୍ଦ ଯୋଗଦେଇ ଶ୍ରୀ ଛୋଟରାୟ ଶିକ୍ଷକତାରେ ଯୋଗଦାନ ପରଠାରୁ କଣାସ ବ୍ଲକର ଶିକ୍ଷକମାନଙ୍କର ନେତୃତ୍ୱ ନେଇ ଅବସର ଗ୍ରହଣ କରୁଥିବାରୁ ତାଙ୍କର ଅବଦାନ ଅତୁଳନୀୟ ବୋଲି ମତ ପ୍ରକାଶ କରିଥିଲେ। ଆସନ୍ତା ମେ' ୬ ତାରିଖରେ ଦୋକନ୍ଦା କଲ୍ୟାଣ ମଣ୍ଡପଠାରେ ବ୍ଲକସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହେବା ପାଇଁ ସର୍ବସମ୍ମତ ନିଷ୍ପତ୍ତି ହୋଇଥିଲା। ସମ୍ପାଦକ ସୁଶାନ୍ତ ନରେନ୍ଦ୍ରଙ୍କ ସଂଯୋଜନା ଓ ସଭାପତି ଅନୀଲ ଛୋଟରାୟ ଧନ୍ୟବାଦ ଦେଇଥିଲେ। ଏହି ସଭାରେ ଶିକ୍ଷକ ନେତା, ଭାଗିରଥୀ ମହାପାତ୍ର, ପ୍ରତାପ କେଶରୀ ରାୟ, ଅକ୍ଷୟ କୁମାର ରାୟସିଂହ, ବିଦ୍ୟାଧର ବିଶ୍ୱାଳ, ପ୍ରଶାନ୍ତ ସୁନ୍ଦରାୟ, ଭୂପତିଭୂଷଣ ତ୍ରିପାଠୀ, ମମତା ସାହୁ, ବୈକୁଣ୍ଠ ନାଥ କୋଦମାସିଂ, ନାରାୟଣ ବେହେରା, ନବକିଶୋର ଜେନା, ପ୍ରତାପ ଦଳସିଂ, ବୀରବର ବେହେରା, ପ୍ରଭାକର ଜେନା, ଜିତେନ୍ଦ୍ରନାଥ ପେଣ୍ଡୋଇ ଓ ରଶ୍ମି ରଞ୍ଜନ ପଶ୍ଚିମକବାଟ ପ୍ରମୁଖ ଯୋଗଦେଇଥିଲେ।

**ତେଜୁଛି ଅପା-ଭାଇନା ବିବାଦ**

## ଉଦ୍‌ଘାଟନ ପୂର୍ବରୁ ବିଜେପି କର୍ମୀଙ୍କୁ ଉଠାଇନେଲା ପୁଲିସ୍

ଗୋପ, ୨୩।୪(ସମିସ)



ପଞ୍ଚାୟତ ନିର୍ବାଚନ ଯେତିକି ପାଖେଇ ଆସୁଛି ପୂର୍ବତନ ବିଧାୟକ ସମୀର ରଞ୍ଜନ ଦାଶ ଏବଂ ବର୍ତ୍ତମାନର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ମଧ୍ୟରେ ବିବାଦ ତେଜିବାରେ ଲାଗିଛି। ଗତ ବିଧାନସଭା ନିର୍ବାଚନରେ ବିଜେଡିରୁ ଟିକଟ୍ ନ ପାଇବା ପରେ ପୂର୍ବତନ ବିଧାୟକ ସମୀର ରଞ୍ଜନ ଦାଶ ପ୍ରଭାତୀ ପରିଡ଼ାଙ୍କୁ ସମର୍ଥନ କରି ହଜାର ହଜାର କର୍ମୀଙ୍କ ସହ ବିଜେପିରେ ଯୋଗଦେଇଥିଲେ। ଶ୍ରୀମତୀ ପରିଡ଼ା ନିର୍ବାଚନ ଜିତିବା ପରେ ସମୀରଙ୍କୁ ଅଣଦେଖା କରୁଥିବା ନେଇ ବିଭିନ୍ନ ସମୟରେ ଖୋଲାଖୋଲି ଭାବେ ବିରୋଧ କରିଛନ୍ତି। ନିକଟରେ ରାମଚଣ୍ଡୀସ୍ଥିତ ଯୋଶେଫ୍ ଗାର୍ଡେନରେ ପୂର୍ବତନ ବିଧାୟକ ତଥା ବିଜେପି ମୁଖପାତ୍ର ଶ୍ରୀ ଦାଶ ଏକ ସାଂଗଠନିକ ବୈଠକ କରିଥିବାବେଳେ ଏଥିରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କୁ ଖୋଲାଖୋଲି ଭାବେ ବିରୋଧ କରିଥିଲେ। ଯେଉଁଠି ଉପମୁଖ୍ୟମନ୍ତ୍ରୀଙ୍କ ଫଟୋ ଥିବ ସେଠିକି ତାଙ୍କର କୌଣସି କର୍ମୀ ନ ଯିବାକୁ ଆହ୍ୱାନ ଦେଇଥିଲେ। ବିଜେପିର ଭାଇନା ଗୋଷ୍ଠୀ ଓ ପ୍ରଭାତୀଙ୍କ ଗୋଷ୍ଠୀ ମଧ୍ୟରେ ବିବାଦ ଦିନକୁ ଦିନ ଉଗ୍ର ହେବାରେ ଲାଗିଥିବାବେଳେ ଏଥିପ୍ରତି ରାଜ୍ୟ ବିଜେପି କିମ୍ବା ଜିଲ୍ଲାସ୍ତରରେ କୌଣସି ସମାଧାନ କରାଯାଉ ନ ଥିବା ଯୋଗୁଁ ଆଗାମୀ ପଞ୍ଚାୟତ ନିର୍ବାଚନରେ ଏହାର ପ୍ରଭାବ ପଡ଼ିବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି। ଗୁରୁବାର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ଗୋପସ୍ଥିତ ବଳରାମ ଦାସ ଗାଦି ପୀଠ ପରିଦର୍ଶନ କାର୍ଯ୍ୟକ୍ରମ ରହିଥିବାବେଳେ ଗୋପ ବଜାରଠାରେ ହାଇମାଷ୍ଟ ଲାଇଟ୍ ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଥିଲା। ମାତ୍ର ଭାଇନାଙ୍କ କର୍ମୀ ବିରୋଧ କରିବାର ବିଶେଷ ସୂତ୍ରରୁ ଖବର ପାଇ ପୁଲିସ୍ ଶ୍ରୀ ଦାଶଙ୍କ ସମର୍ଥକ ମନଦୀପ ପାଇକରାୟ ଓ କମଳାକାନ୍ତ ମହାନ୍ତିଙ୍କୁ ଉଠାଇ ଆଣି ଥାନାରେ ଦୀର୍ଘ ସମୟ ବସାଇ ରଖିଥିବା ଦେଖିବାକୁ ମିଳିଥିଲା। ଏବେଠାରୁ କର୍ମୀଙ୍କ ବିରୋଧର ଶିକାର ହେବାକୁ ନେଇ ଶ୍ରୀମତୀ ପରିଡ଼ା ଭୟ କରୁଥିବାବେଳେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଅନେକ ବିଶୃଙ୍ଖଳା ସୃଷ୍ଟି ହେବାର ଆଶଙ୍କା ଉପୁଜିଛି।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ବେଗୁନିଆ,୨୩।୪ (ସମିସ): ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଜାମୁସାହି ଗ୍ରାମର ରଙ୍ଗନାଥ ରୋଲ (୭୨) ଗୁରୁବାର ପୂର୍ବାହ୍ନରେ ଗରଡଗଡିଆ ପୋଖରୀକୁ ଗାଧୋଇବାକୁ ଯାଇ ଘରକୁ ଫେରି ନ ଥିଲେ। ଏଥିରେ ପରିବାର ଲୋକମାନେ ବହୁ ଖୋଜାଖୋଜି କରି ଶବ ଭାସୁ ଥିବାର ଦେଖି ଅଗ୍ନିଶମ କାର୍ଯ୍ୟାଳୟକୁ ଖବର ଦେଇଥିଲେ। ପରେ ବେଗୁନିଆ ଥାନା ପୁଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଁଚି ଶବକୁ ଉଦ୍ଧାର କରି ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଥିଲେ। ବିଧାୟକ ପ୍ରଦୀପ କୁମାର ସାହୁ ଓ ସରପଞ୍ଚ ଅକ୍ଷୟ କୁମାର ରାଉତରାୟ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ଦେଶୀ ମଦ ଜବତ, ୩ କୋର୍ଟ ଚାଲାଣ

ବେଗୁନିଆ,୨୩।୪(ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷିକା ସ୍ମୃତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ସଦର ରେଞ୍ଜ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ୱାବଧାନ ଓ ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ସୁବୁଦ୍ଧିଙ୍କ ନେତୃତ୍ୱରେ ଚଢାଉ ହୋଇଛି। ଏହି ଅଭିଯୁକ୍ତ ମାନେ ହେଲେ ତୁଳସୀପୁର ଗ୍ରାମ ଡଙ୍ଗସାହିର ରୋହିତ ମଲ୍ଲିକ, କାର୍ତ୍ତିକ ମଲ୍ଲିକ ଓ ବସନ୍ତ କୁମାର ପରିଡ଼ାଙ୍କ ଠାରୁ ମୋଟ ୧୨୦ ଲିଟର ଦେଶୀ ମଦ ଜବତ କରି କୋର୍ଟ ଚାଲାଣ କରାଯାଇଛି ବୋଲି ସୂଚନା ଦେଇଛନ୍ତି।

## ଚୋରା ମଦ ବେପାରୀକୁ ୩ ବର୍ଷ ଜେଲ୍

ବାଲୁଗାଁ,୨୩।୪(ସମିସ) : ଏକ ଚୋରା ମଦ ବିକ୍ରି ମାମଲାର ବିଚାର କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ସହିତ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ। ଜରିମାନା ଅନାଦେୟ ବାବଦକୁ ଅତିରିକ୍ତ ୬ ମାସ ଜେଲ ଦଣ୍ଡ ଭୋଗିବା ନିମନ୍ତେ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଟାଙ୍ଗି ଥାନା ସାନକୁସୁମୀ ଗ୍ରାମର ନାଳମଣି ବେହେରା(୫୮)। ଗତ ବର୍ଷ ଅକ୍ଟୋବର ୨ ତାରିଖ ପୂର୍ବାହ୍ନ ପ୍ରାୟ ୧୧ ଘଟିକା ସମୟରେ ବାଲୁଗାଁ ଅବକାରୀ ବିଭାଗ ଏସଆଇ ମାନକେତନ ମାହାଳିକ ସଦଳବଳେ ଟାଙ୍ଗୀ ଥାନା ଅଧିନ ଚଣ୍ଡେଶ୍ୱର ଗ୍ରାମ ସ୍ଥିତ ମାଛ ବଜାର ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ସେହି ସମୟରେ ଜଣେ ବ୍ୟକ୍ତି ଏକ ଜରି ବ୍ୟାଗରେ କିଛି ସାମଗ୍ରୀ ରଖି ବସିଥିବା ବେଳେ ଅବକାରୀ କର୍ମଚାରୀ ସନ୍ଦେହ କରି ଉକ୍ତ ବ୍ୟାଗ ତାଲାସି କରିବାରୁ ସେଥିରୁ ୪୦ଟି ଆଣ୍ଡା ପୋଟି ଦେଶୀ ମଦ ପାଇ ମଦ ଜବତ କରିବା ସହ ବେଆଇନ ମଦ ବିକ୍ରି ଅଭିଯୋଗରେ ନାଳମଣୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ଅବକାରୀ ବିଭାଗ। ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ କେସ ନଂ ୨(ଏ) ସି ସି୧୨୮/୨୦୨୫ ରେ ଉକ୍ତ ମାମଲାଟି ବିଚାରଧୀନ ଥିଲା। ଉକ୍ତ ମାମଲାର ବିଚାରକର ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ସମସ୍ତ ସାକ୍ଷ୍ୟପ୍ରମାଣ ଆଧାରରେ ମଙ୍ଗଳବାର ଦଣ୍ଡାଦେଶ ରାୟ ଶୁଣାଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ୍ତ କୁମାର ନନ୍ଦ ଓ ହରେକୃଷ୍ଣ ଜଗଦେବ ପରିଚାଳନା କରୁଥିଲେ।

## ଆଜିଠୁ ସକାଳୁଆ ସ୍କୁଲ, ସାଢେ ୯ ସୁଦ୍ଧା ସରିବ ପାଠପଢ଼ା

ଖୋର୍ଦ୍ଧା,୨୩।୪(ସମିସ): ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ଗତ ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ, ଅଙ୍ଗନବାଡି କେନ୍ଦ୍ର କୁ ଜିଲା ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଥିଲା। ଦୈନିକ ତାତି ବଢୁଛି। ପିଲାଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଗୁରୁବାର ଜିଲ୍ଲାପାଳ ଅମ୍ରିତ ଋତୁରାଜ ଶୁକ୍ରବାର ଠାରୁ ସକାଳୁଆ ସ୍କୁଲ ଖୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜାରି ରହିବ ବୋଲି ଜିଲ୍ଲାପାଳଙ୍କ ପକ୍ଷରୁ ଜାରି ନୋଟିସରେ ଉଲ୍ଲେଖ ରହିଛି। ସକାଳ ୬.୩୦ମିନିଟ ଠାରୁ ପୂର୍ବାହ୍ନ ୯.୩୦ ମିନିଟ ପର୍ଯ୍ୟନ୍ତ ସ୍କୁଲ ଖୋଲା ରହିବ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସ୍କୁଲରେ ପିଲାଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା କରିବେ। ପର୍ଯ୍ୟାପ୍ତ ମାତ୍ରାରେ ଓଆରଏସ ପ୍ୟାକେଟ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ନୂତନ ଭାଗବତ ଟୁଙ୍ଗୀ ପ୍ରତିଷ୍ଠା ଉତ୍ସବ

ନିରାକାରପୁର,୨୩।୪ (ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍ ସାନରାଉତପଡ଼ା ପଞ୍ଚାୟତ ମୂଳିଝର ଗ୍ରାମରେ ଆଧାତ୍ମିକ ପରିବେଶ ମଧ୍ୟରେ ଶ୍ରୀ ଶ୍ରୀ ଭଗବତ ବାସୁଦେବଙ୍କ ନୂତନ ଭଗବତ ଟୁଙ୍ଗୀ ପ୍ରତିଷ୍ଠା ମହୋତ୍ସବ ଆରମ୍ଭ ହୋଇଯାଇଛି। ଏହି ଅବସରରେ ଆଜି ପବିତ୍ର ବୈଶାଖ ଶୁକ୍ଲପକ୍ଷ ଅଷ୍ଟମୀ ପୂର୍ବ ସନ୍ଧ୍ୟାରେ ମୂଳିଝର ଗ୍ରାମବାସୀଙ୍କ ପକ୍ଷରୁ ଏକ ଭବ୍ୟ କଳସ ଯାତ୍ରା ଓ ଶୁଭାଧିବାସ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ଶତାଧିକ ଶ୍ରଦ୍ଧାଳୁ ମହିଳା ଓ ପୁରୁଷ ଏକତ୍ରିତ ହୋଇ ପାରମ୍ପରିକ ରୀତିନୀତି ଅନୁଯାୟୀ ମା ଉଗ୍ରତାରା ଙ୍କ ପୀଠ ରୁ ଜଳପୂର୍ଣ୍ଣ କଳସ ଧରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ସହ ନୂତନ ଭଗବତ ଟୁଙ୍ଗୀ ପୀଠରେ ସ୍ଥାପନ କରିଛନ୍ତି।

## ବରିଷ୍ଠ ଶିକ୍ଷାବିତ୍ ଯଜ୍ଞେଶ୍ୱର କଳସଙ୍କ ପରଲୋକ



ନିରାକାରପୁର,୨୩।୪ (ସମିସ): ବାଲିପାଟପୁର ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଯଜ୍ଞେଶ୍ୱର କଳସଙ୍କର ଆଜି ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୪ ବର୍ଷ ବୟସ ହୋଇଥିଲା। ଶ୍ରୀ କଳସ ଦୀର୍ଘ ଦିନ ଧରି ମସ୍ତିଷ୍କ ପକ୍ଷାଘାତ ରୋଗରେ ପୀଡ଼ିତ ଥିଲେ। ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ମଧ୍ୟାହ୍ନ ୧.୩୦ ମିନିଟ୍ ସମୟରେ ତାଙ୍କର ଦେହାନ୍ତ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ଦେବାଶିଷ, କନ୍ୟା ଅପର୍ଣ୍ଣା, କନିଷ୍ଠ ଭ୍ରାତା ସୁଶାନ୍ତ, କନିଷ୍ଠ ଭ୍ରାତା ପ୍ରଶାନ୍ତ, କନ୍ୟା ଅର୍ଚ୍ଚନା ଓ ପରିବାରବର୍ଗ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁତ୍ର ଦେବାଶିଷ ମୁଖାଗ୍ନି ଦେଇଥିଲେ।

# ଯମଯନ୍ତ୍ରଣା ଦେଉଛି ନିରାକାରପୁର ରେଳ ଫାଟକ

ଖୋର୍ଦ୍ଧା,୨୩।୪(ସମିସ)



**● ଓଭରବ୍ରିଜ୍ ନିର୍ମାଣ ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର**

**● ବାଇପାସ ନିର୍ମାଣର ପୁନଃବଚାର ଦାବିକଲା ବିକଶିତ ନିରାକାରପୁର ବାହିନୀ**

ଯମ ଯନ୍ତ୍ରଣା ଦେଉଛି ନିରାକାରପୁର ମଧ୍ୟଦେଇ ଯାଇଥିବା ୨୧୯ ନମ୍ବର ରେଳ ଫାଟକ। ଏଠାରେ ପ୍ରତି କିଛି ସମୟ ବ୍ୟବଧାନରେ ଟ୍ରେନ୍ ଯାତାୟତ କରୁଥିବାରୁ ବହୁ ସମୟ ଧରି ପଡି ରହୁଛି ଫାଟକ।ଫାଟକ ପଡ଼ିଲେ ଉଭୟ ପଟରେ ଯାନବାହନ ଦୀର୍ଘ ସମୟ ଧରି ଅଟକି ରହୁଥିବାବେଳେ ଏହି ଫାଟକ ଦେଇ ଯାତାୟତ କରୁଥିବା ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏଠାରେ ଏକ ଓଭରବ୍ରିଜ ନିର୍ମାଣ କରାଯିବାକୁ ଦୀର୍ଘଦିନ ଧରି ଦାବି ହୋଇ ଆସୁଛି। ଆଜି ଏହି ମର୍ମରେ ବିକଶିତ ନିରାକାରପୁର ବାହିନୀର ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

ଅଭିଯୋଗ ଅନୁସାରେ, ନିରାକାରପୁର ମଧ୍ୟଦେଇ ଯାଇଥିବା ୨୧୯ ନମ୍ବର ରେଳ ଫାଟକ ଅଞ୍ଚଳରେ ରେଳ ଫାଟକ ପଡ଼ିଲେ ଉଭୟ ପଟରେ ଯାନବାହନ ଦୀର୍ଘ ସମୟ ଧରି ଅଟକି ରହୁଛି। ଫଳରେ ଆମ୍ବୁଲାନ୍ସ, ଦମକଳ ଅଟକି ବାରୁ ଟ୍ରାଫିକ ନିୟନ୍ତ୍ରଣ କରିବାରେ ବାଧା ସୃଷ୍ଟି ହେଉଛି। ବିଶେଷ କରି ମହାବିଦ୍ୟାଳୟ ଓ ବିଦ୍ୟାଳୟକୁ ଯାଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ଗଭୀର ସମସ୍ୟା ସୃଷ୍ଟି କରୁଛି। ନିରାକାରପୁରସ୍ଥିତ କ୍ଷେତ୍ରବାସୀ କଲେଜ ସମ୍ମୁଖରେ ସରଣକୁଳ–ପୁରୀ ନୂତନ ଜଗନ୍ନାଥ ସଡ଼କ ଅତିକ୍ରମ କରିଛି। ପ୍ରତିଦିନ ଶତାଧିକ ଛାତ୍ରଛାତ୍ରୀ କଲେଜ ଗେଟ ସମ୍ମୁଖରେ ଓହ୍ଲାଇ ପାଠ ପଢ଼ିବା ପାଇଁ କ୍ୟାମ୍ପସରେ ପ୍ରବେଶ କରୁଛନ୍ତି। ଯଦି ବାଇପାସ ସଡ଼କ ଦ୍ୱାରା ଓଭରବ୍ରିଜ ନିର୍ମାଣ କରାଯାଏ, ତେବେ ଛାତ୍ରଛାତ୍ରୀମାନେ ପ୍ରାୟ ୨କି.ମି. ଦୂରରେ ଓହ୍ଲାଇ ଚାଲିକି କିମ୍ବା ଅଟୋ ଭଡ଼ା ଦେଇ କଲେଜ ପହଁଚିବାକୁ ବାଧ୍ୟ ହେବେ। ଯାହା ତାଙ୍କ ପାଇଁ ଅସୁବିଧାଜନକ ଓ ଅର୍ଥନୈତିକ ଭାର ସୃଷ୍ଟି କରିବ। ଏହାର ପରିଣାମରେ କଲେଜ୍ ରେ ଭର୍ତି ହାର କମିବାର ସମ୍ଭାବନା ରହିଛି ବୋଲି ବିକଶିତ ନିରାକାରପୁର ବାହିନୀ ପକ୍ଷରୁ ଅଭିଯୋଗ ହୋଇଛି। ଏହାସହିତ ନିରାକାରପୁର ବଜାରର ଅର୍ଥନୀତି ମଧ୍ୟ ପ୍ରଭାବିତ ହେବ। ପ୍ରାୟ ୩,୫୦୦ ଛାତ୍ରଛାତ୍ରୀ ଓ ତାଙ୍କର ଅଭିଭାବକମାନେ ଦୈନିକ ଆବଶ୍ୟକୀୟ ସାମଗ୍ରୀ ଯଥା: ପୋଷାକ, ପୁସ୍ତକ, ଖାଦ୍ୟ, ପନିପରିବା, ମାଛ, ମାଂସ, ଜଳଖିଆ, ଜେରକ୍ସ, ଷ୍ଟେସନାରୀ ପ୍ରଭୃତି ଏହି ବଜାରରୁ କ୍ରୟ କରୁଛନ୍ତି। ମାତ୍ର ବାଇପାସ ହେଲେ ବଜାର ଦୁଇ ଭାଗରେ ବିଭକ୍ତ ହେବ ଏବଂ ସ୍ଥାନୀୟ ବ୍ୟବସାୟୀମାନେ କ୍ଷତିଗ୍ରସ୍ତ ହେବେ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ନିରାକାରପୁର, ଡିଆ, କୋଳସାହି, ଭୋଇସାହି, କାଶୀପୁର, ବଡ଼ପାଟଣା, ମୋରମୋରସିଂ, ହରିପୁର ପ୍ରଭୃତି ଗ୍ରାମର ଲୋକମାନେ ଏହି ରାସ୍ତା ଦ୍ୱାରା ସରକାରୀ ଡାକ୍ତରଖାନା, ବ୍ୟାଙ୍କ, କଲେଜ ଓ ଅନ୍ୟାନ୍ୟ କାର୍ଯ୍ୟାଳୟକୁ ଯାଉଛନ୍ତି। ବାଇପାସ ହେଲେ ସେମାନେ ଦୀର୍ଘ ପଥ ଘୁଁଚି ଯିବାକୁ ବାଧ୍ୟ ହେବେ, ଯାହା ଦୈନିକ ଜୀବନରେ ଅସୁବିଧା ସୃଷ୍ଟି କରିବ ବୋଲି ବିକଶିତ ନିରାକାରପୁର ବାହିନୀ ପକ୍ଷରୁ କୁହାଯାଇଛି।

ଯଦି ବର୍ତ୍ତମାନ ରେଳ ଫାଟକ ସ୍ଥାନରେ ଓଭରବ୍ରିଜ ନିର୍ମାଣ କରାଯାଏ, ତେବେ ପୂର୍ବରୁ ନବକଳେବର ସମୟରେ ଅଧିଗ୍ରହଣ ହୋଇଥିବା ଜମି ବ୍ୟବହାର କରି ଏହା ସମ୍ଭବ କରିହେବ ବୋଲି ବିକଶିତ ନିରାକାରପୁର ବାହିନୀ ପକ୍ଷରୁ କୁହାଯାଇଛି। ମାତ୍ର ପ୍ରାୟ ୧.୫ ଏକର ଜମି ଅଧିଗ୍ରହଣ ଦ୍ୱାରା କାମ ସମ୍ପନ୍ନ କରାଯାଇପାରିବ। ଏଥିପାଇଁ ପ୍ରଚୁର ସରକାରୀ ଜମି ମଧ୍ୟ ଉପଲବ୍ଧ ରହିଛି। ଏହା ପ୍ରତିକୂଳରେ ବାଇପାସ ନିର୍ମାଣ କରିଲେ ପ୍ରାୟ ୨୪ଏକର ଚାଷ ଜମି କ୍ଷତିଗ୍ରସ୍ତ ହେବ ଏବଂ ରାଜସ୍ୱ କ୍ଷତି, ଅଧିଗ୍ରହଣ ଓ ନିର୍ମାଣ ଖର୍ଚ୍ଚ ବଢ଼ିବ। ଏହା ସ୍ଥାନୀୟ ଲୋକଙ୍କ ପାଇଁ ଅନୁକୂଳ ନୁହେଁ ବୋଲି ବିକଶିତ ନିରାକାରପୁର ବାହିନୀ ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି। ତେଣୁ ବାଇପାସ ପରିକଳ୍ପନାକୁ ପୁନଃବିଚାର କରି ବର୍ତ୍ତମାନ ରେଳ ଫାଟକ ସ୍ଥାନରେ ହିଁ ଓଭରବ୍ରିଜ ନିର୍ମାଣ କରିବାକୁ ବିକଶିତ ନିରାକାରପୁର ବାହିନୀ ପକ୍ଷରୁ ଜିଲ୍ଲାପାଳଙ୍କୁ ଭେଟି ଅନୁରୋଧ କରାଯାଇଛି। ଆଜି ଏହି ମର୍ମରେ ରାମ ନାରାୟଣ ଦାଶ, ମୃତ୍ୟୁଞ୍ଜୟ ପ୍ରଧାନ, ଆଲୋକ ଛୋଟରାୟ, ନବ ବଳିୟାରସିଂ, ସୁକେଶ ସେନାପତି ପ୍ରମୁଖ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ଖୁବ ଶୀଘ୍ର ଯେଉଁଠି ଫାଟକ ସେଇଠି ମଇ ମାସରେ କାମ ଆରମ୍ଭ ହେବ ଜିଲ୍ଲାପାଳ ପ୍ରତିଶୃତି ଦେଇଥିବା ଅଭିଯୋଗକାରୀମାନେ ପ୍ରକାଶ କରିଛନ୍ତି।

## କେରଙ୍ଗରେ ସର୍ବଧର୍ମ ସମନ୍ୱୟବାଦ ସମ୍ମିଳନୀ



ଖୋର୍ଦ୍ଧା,୨୩।୪(ସମିସ): ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମର ମହମୁଦାବାଦ ଅହମଦିୟା ମୁସଲିମ ମହିଳା ସଂଗଠନ ଲଜନାଇମାଉଲ୍ଲାଃ ପକ୍ଷରୁ ଏକ ସର୍ବଧର୍ମ ସମନ୍ୱୟବାଦ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାର ସଭାନେତ୍ରୀ ଅମତୁଲ ହାଫିଜଙ୍କ ପୌରୋହିତ୍ୟ ରେ ମହିମୁଦାବାଦ ମହିଳା ସଂଗଠନର ସଭାନେତ୍ରୀ ତସ୍ଲୁରୁନ ନାଜେରିନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ସମ୍ମୀଳନୀର ଶୁଭାରମ୍ଭ କୋରାନ ପାଠ ସହ କରାଯାଇଥିଲା। କୋରାନ ପାଠ କଲିମା ବେଗମ କରିଥିବା ବେଳେ ହଦିସ ପାଠ ନସିରା ବେଗମ କରିଥିଲେ। ଓଡ଼ିଆ ନଜମ ସଂଗୀତ ନସିମା ବେଗମ ପରିବେଷଣ କରିଥିଲେ। ମୁଖ୍ୟବକ୍ତା ଭାବେ ଶମିମା ବେଗମ ଯୋଗଦେଇ ବିଶ୍ୱରେ ସ୍ଥାୟୀ ଶାନ୍ତି କିପରି ସ୍ଥାପନା କରାଯିବ ବିଷୟରେ ମତାମତ ରଖିଥିଲେ। ଆଉ ଏକ ଓଡିଆ ନଜମ ସଂଗୀତ ଯାହାଁଆରା ବେଗମ ପଢ଼ିଥିବା ବେଳେ ଦ୍ୱିତୀୟ ବକ୍ତାଭାବେ ମହିଳା ସଭାପତି ହରିଜନ ସାହିର ମହିଳା ସଭାନେତ୍ରୀ ସର୍ବଧର୍ମ ସମନ୍ୱୟବାଦ ବିଷୟରେ ମତାମତ ରଖିଥିଲେ। ମୁଖ୍ୟଅତିଥି ମହିମୁଦାବାଦ ମହିଳା ସଙ୍ଗଠନର ସଭାନେତ୍ରୀ ତସ୍ଲୁରୁନ ନାଜେରିନ ସନ୍ତାନ ମାନଙ୍କର ଉଚିତ୍ ଶିକ୍ଷା- ଦିକ୍ଷା ବିଷୟରେ ମତାମତ ରଖିଥିଲେ। ବିଶ୍ୱଶାନ୍ତି ପାଇଁ ସାମୂହିକ ନିରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୩୫୦ରୁ ଊର୍ଦ୍ଧ୍ୱ ମହିଳା ଏବଂ ପିଲାମାନେ ଯୋଗ ଦେଇଥିଲେ।

## ବରିଷ୍ଠ ପତ୍ରକାର ନୃସିଂହ ମିଶ୍ରଙ୍କ ସ୍ମୃତିସଭା

ବାଣପୁର,୨୩।୪(ସମିସ): ବାଣପୁର ଅଞ୍ଚଳର ବରିଷ୍ଠ ପତ୍ରକାର ତଥା ଚିଲିକା ପ୍ରେସ କ୍ଲବର ଉପଦେଷ୍ଟା ଅଚ୍ୟୁତ ରାଜପୁର ଗ୍ରାମର ପଣ୍ଡିତ ନୃସିଂହ ପ୍ରସାଦ ମିଶ୍ରଙ୍କ ଦ୍ୱାଦଶାହ ସ୍ମୃତି ସଭା ଜନ୍ମମାଟି ଅଚ୍ୟୁତ ରାଜପୁର ଶାସନ ସ୍ଥିତ ଶ୍ରୀ କପିଳେଶ୍ୱର ଦେବ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ବାଳମୁକୁନ୍ଦ ଦାସଙ୍କ ପରିଚାଳନାରେ ଆୟୋଜିତ ସଭାରେ ଚିଲିକା ପ୍ରେସ କ୍ଲବର ବହୁ ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ବାଲୁଗାଁ ବାଣପୁର ଚିଲିକା ଅଞ୍ଚଳର ବହୁ ଶିକ୍ଷାବିତ, ବୁଦ୍ଧିଜୀବୀ, ପତ୍ରକାର, ଆଇନଜୀବୀ, ସଂସ୍କୃତି ପ୍ରେମୀ, ରାଜନୀତିଜ୍ଞ, ସାହିତ୍ୟିକ ଓ ପଣ୍ଡିତ ଯୋଗ ଦେଇ ସ୍ୱର୍ଗତ ମିଶ୍ରଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତି ସମ୍ବଳିତ ଏକ ସ୍ମରଣିକା "ଅଶ୍ରୁ ଲିପି' ଉନ୍ମୋଚିତ ହୋଇଥିଲା। ସ୍ୱର୍ଗତ ମିଶ୍ରଙ୍କ ପୁତ୍ର ଡ଼ଃ.ଶାରଦା ପ୍ରସାଦ ମିଶ୍ର, ଡ଼ଃ.ପଦ୍ମଜା ପ୍ରସାଦ ମିଶ୍ର, ପୁତ୍ରବଧୂ ଡ଼ଃ ବରଦାଲକ୍ଷ୍ମୀ ମିଶ୍ର, କନ୍ୟା ସଂଗୀତା ଦାଶ, ନାତି ପ୍ରତ୍ୟୁଷ ମହାପାତ୍ରଙ୍କ ସମେତ ପରିବାର ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କନିଷ୍ଠ ଭ୍ରାତା ଅଧ୍ୟାପକ ଲକ୍ଷ୍ମୀ ପ୍ରସାଦ ମିଶ୍ର, ଧନ୍ୟବାଦ ଅର୍ପଣ କରିଥିଲେ।



## ବରିଷ୍ଠ ସାମ୍ବାଦିକଙ୍କୁ ହତ୍ୟା ଧମକ ଅଭିଯୋଗର ତଦନ୍ତ ଆରମ୍ଭ

ଟାଙ୍ଗୀ,୨୩।୪ (ସମିସ) : ବରିଷ୍ଠ ସାମ୍ବାଦିକ ତଥା ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କୁ ହତ୍ୟା ଧମକ ଘଟଣାରେ ଗତ ୧୬ ତାରିଖ ରେ ଏହି ବ୍ଲକ ଅଧିନସ୍ଥ ବଡ଼ପାରୀ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସଙ୍କ ବିରୁଦ୍ଧରେ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଥିଲା। ଘଟଣାକୁ ଗୁରୁତ୍ୱ ଦେଇ ଆରକ୍ଷୀ ଅଧିକ୍ଷକ ଏହାର ବିଧିବଦ୍ଧ ତଦନ୍ତ କରିବାକୁ ଉପ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମହାନ୍ତି ଙ୍କୁ ନିର୍ଦ୍ଦେଶ ଦେଇଥିଲେ।ତେଣୁ ପ୍ରତିଶୃତି ଦେଇଥିବାର ମାତ୍ର ୭ଘଣ୍ଟା ପରେ ଶ୍ରୀ ମହାନ୍ତି ତଦନ୍ତ ଆରମ୍ଭ କରି ସାମ୍ବାଦିକ ଶ୍ରୀ ବିଶ୍ୱାଳଙ୍କ ବୟାନ ରେକର୍ଡ କରିଥିବା ଜଣାପଡିଛି। ଏହି ଘଟଣା ସଂପର୍କରେ ସାମ୍ବାଦିକ ଶ୍ରୀ ବିଶ୍ୱାଳ ଓ ସରପଞ୍ଚ ଶ୍ରୀ ଦାସ ପୃଥକ୍ ଦୁଇଟି ଲିଖିତ ଅଭିଯୋଗ କୁ ଆଧାର କରି ଦୁଇଟି ଷ୍ଟେସନ ଡାଏରି କରି ଘଟଣା ର ସମାଧାନ ପାଇଁ ଆଲୋଚନା କରିଥିଲେ କିନ୍ତୁ ଗତକାଲି ଏସପିଙ୍କ ନିର୍ଦ୍ଦେଶ କ୍ରମେ ଶ୍ରୀ ବିଶ୍ୱାଳଙ୍କ ଲିଖିତ ଅଭିଯୋଗ ଆଧାର ରେ ଥାନା କେସ ନମ୍ବର ୩୧୬ ଓ ଶ୍ରୀ ଦାସଙ୍କ ଲିଖିତ ଅଭିଯୋଗ ଆଧାର ରେ ଥାନା କେସ ନମ୍ବର ୩୧୭ ରେ ମକଦ୍ଦମା କରାଯାଇ ଘଟଣାର ତଦନ୍ତ ଦାୟିତ୍ୱ ନିଜେ ଆଇଆଇସି ରବୀନ୍ଦ୍ର ଭୂଜବଳ ବହନ କରିଥିବା ସୂଚନା ପ୍ରଦାନ କରିଛନ୍ତି।

## ଓଡ଼ିଶୀ ସଂକୀର୍ତ୍ତନ ଉତ୍ସବ ଉଦ୍‌ଯାପିତ

ବେଗୁନିଆ,୨୩।୪ (ସମିସ): ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ ଦିନିଆରି ଗ୍ରାମର ନୂଆସାହି ସ୍ଥିତ ଭାଗବତ ବାସୁଦେବଙ୍କ ୨୪ତମ ବାର୍ଷିକ ଉତ୍ସବ ଅବସରରେ ତିନି ଦିନ ଧରି ଚାଲିଥିବା ଓଡ଼ିଶୀ ସଙ୍କୀର୍ତ୍ତନ ଉଦଯାପିତ ହୋଇଛି।ଏଥିରେ ଦିନିଆରି ଗ୍ରାମର ଓଡ଼ିଶୀ ସଙ୍କୀର୍ତ୍ତନ ଗାୟକ ମକରଧ୍ୱଜ ପଣ୍ଡା, କାଦୁଅପଡ଼ା ଗ୍ରାମର ଅଭିଜିତ ହୋତା,ଭୋଗଡା ଗ୍ରାମର ଗଣେଶ୍ୱର ନିଶଙ୍କ, ବସନ୍ତ ଗ୍ରାମର ପ୍ରଭାତ ବେହେରା,ପଙ୍ଗାରସିଂହ ଗ୍ରାମର ପ୍ରଶାନ୍ତ ଦାସ,ନୟାଗଡ଼ର ଚନ୍ଦ୍ରମଣି ମାଝୀ,କନ୍ଦରପୁର ଅଜୟ ଦାସ,ଡ଼ୁଆଁସର ଗ୍ରାମର ଅଶାନ୍ତ ଜେନା ଓ ମଙ୍ଗଳପୁର ବାନାମ୍ବର ପ୍ରଧାନ ପ୍ରମୁଖ ଯୋଗଦେଇ ସଙ୍କୀର୍ତ୍ତନ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିଳ୍ପପତି କ୍ଷେତ୍ରବାସୀ ସାହୁ ଉତ୍ସାହିତ କରିବା ସହ ଗୀତିକାର ସୁଧାଂଶୁ ମହାପାତ୍ର ଯୋଗ ଦେଇ ଭଜନ ପରିବେଷଣ କରିଥିଲେ।

## ଅସହ୍ୟ ଗ୍ରୀଷ୍ମ ପ୍ରବାହ; ବଜାର ରାସ୍ତାଘାଟ ଜନଶୂନ୍ୟ



ବାଲୁଗାଁ; ୨୩।୪(ସମିସ) ; ସମଗ୍ର ଚିଲିକା ନିର୍ବାଚନ ମଣ୍ଡଳୀ ତଥା ବାଲୁଗାଁ-ବାଣପୁର ଅଚଂଳରେ ଗତ କିଛି ଦିନ ହେଲା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସହ ଅସହ୍ୟ ଗୁଳୁଗୁଳି ଅନୁଭୂତି ହେଉଅଛି। ଗୁରୁବାର ସମଗ୍ର ଚିଲିକା ଅଚଂଳରେ ମଧ୍ୟାହ୍ନ ସମୟ ବେଳକୁ ତାପମାତ୍ରା ସର୍ବାଧିକ ୪୦ ଡ଼ିଗ୍ରୀରେ ପହଁଚିଥିଲା। ଚିଲିକା ଅବବାହିକା ଅଞ୍ଚଳ ହୋଇ ମଧ୍ୟ ବାଲୁଗାଁ ବାଣପୁର ତଥା ଏହାର ଆଖପାଖ ଅଚଂଳରେ ଏପରି ତାପମାତ୍ରା ବୃଦ୍ଧି ଯୋଗୁଁ ଜନସାଧାରଣ ଖରା ଦାଉରେ ଉହଳ ବିକଳ ହୋଇ ଘରୁ ବାହାରକୁ ବାହାରି ନପାରିବାରେ ରାସ୍ତା ଘାଟ ଖାଁ ଖାଁ ହୋଇପଡ଼ିଛି। ସଂପ୍ରତି ରାଜ୍ୟରେ ଅସହ୍ୟ ଗ୍ରୀଷ୍ମର ପ୍ରଭାବ ସହ ଗୁଳୁଗୁଳିରେ ଜନଜୀବନ ଅସ୍ତ ବ୍ୟସ୍ତ ହୋଇପଡିଥିବାକୁ ଲକ୍ଷ୍ୟ ରଖି ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ରାସ୍ତା ପାଶ୍ୱର୍ରେ ଜଳଛତ୍ର ଖୋଲିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ରହିଛି। ଏପରିସ୍ଥଳରେ ସ୍ଥାନୀୟ ପ୍ରଶାସନ ଏହି ନିର୍ଦ୍ଦେଶକୁ ଭ୍ରୂକ୍ଷେପ କରୁନାହାନ୍ତି। ବାଲୁଗାଁ ବାଣପୁର ସହର ଘାଟରେ ଜଳଛତ୍ର ଖୋଲିବା ସ୍ୱପ୍ନ ହୋଇପଡ଼ିଅଛି।କେତେକ ସ୍ଥଳରେ କେବଳ ନାମକୁ ମାତ୍ର ବୋର୍ଡ ମାରି ଖାଲି ମାଟିପାତ୍ର ଥୁଆହୋଇ ଥିବା ଦେଖିବାକୁ ମିଳୁଛି। ସମଗ୍ର ଅଞ୍ଚଳରେ ଜଳସଂକଟ ଦେଖାଦେଇଛି।

## ଗାଁ ପୋଖରୀର ପୁନରୁଦ୍ଧାର

# ପାନୀୟ ଜଳର ସ୍ଥାୟୀ ସମାଧାନ ଦାବି ତେଜିଲା

ଖୋର୍ଦ୍ଧା,୨୩।୪(ସମିସ)



**ଜିଲ୍ଲାପାଳଙ୍କ ଅଫିସ ଆଗରେ ଗ୍ରାମବାସୀଙ୍କ ଧାରଣା**

ବେତରାଗୋଡ଼ି ପୋଖରୀର ପୁନରୁଦ୍ଧାର ଓ ପାନୀୟ ପାଇପ ଜଳ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ଦାବିରେ ଆଜି ନରଣଗଡ ପଂଚାୟତ ହାଡପଦା ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଦୀର୍ଘ ସମୟ ଧାରଣା ଦେବା ସହ ଜିଲ୍ଲାପାଳଙ୍କୁ ପୁନର୍ବାର ଆଜି ଏକ ଦାବିପତ୍ର ପ୍ରଦାନ କରିଥିଲେ। ତେବେ ଆସନ୍ତା ୨ ସପ୍ତାହ ମଧ୍ୟରେ ସମସ୍ୟାର ସମାଧାନ କରିବା ଲାଗି ଜିଲ୍ଲାପାଳ ପ୍ରତିଶୃତି ଦେବାରେ ଧାରଣାରୁ ଗ୍ରାମବାସୀ ଉଠିଥିଲେ।

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ନରଣଗଡ ପଂଚାୟତ ହାଡପଦା ଗ୍ରାମ ବ୍ଲକର ସର୍ବବୃହତ ଜନସଂଖ୍ୟା ବିଶିଷ୍ଟ ଅନୁସୂଚିତ ଜାତି ର ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି ଯେ, ସରକାର ତଥା ଜିଲ୍ଲା ପ୍ରଶାସନର ହାଡପଦା ଗ୍ରାମପ୍ରତି ଅବହେଳା ଓ ଅଣଦେଖା କରୁଛି। ଗ୍ରାମବାସୀବୃନ୍ଦ ହାଡ଼ପଦାସ୍ଥ ବେତରାଗୋଡ଼ି ପୋଖରୀ ର ପୁନରୁଦ୍ଧାର, ପୋଖରୀ ନିକଟରେ ସାମୁହିକ ଶୌଚାଳୟ ନିର୍ମାଣ ଓ ଗ୍ରାମରେ ପାନୀୟ ପାଇପ ଜଳ ପ୍ରକଳ୍ପ ର ସ୍ଥାୟୀ ସମାଧାନ ନିମନ୍ତେ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କିଛିଇ ସୁଫଳ ମିଳିନଥିବା ଅଭିଯୋଗ କରିଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରୀ ରହିଥିବାବେଳେ ପାଣି ପାଇଁ ଲୋକ ହାହାକାର ପକାଉଛନ୍ତି। ଏହି ସମୟରେ ଗ୍ରାମର ପୋଖରୀ ଓ କୂଅ ଶୁଖିଥିବାବେଳେ ପୁଣ୍ଣା ପୋଖରୀ ବେତରାଗୋଡ଼ି ର ପୁନରୁଦ୍ଧାର କରିବାକୁ ସେମାନେ ଦାବି କରିଛନ୍ତି। ସେହିପରି ଗ୍ରାମରେ ଥିବା ପାନୀୟ ପାଇପ ଜଳ ପ୍ରକଳ୍ପଟି ଖରାପ ହେବା ଯୋଗୁଁ ଲୋକମାନେ ପାଣି ଟୋପେ ପାଇଁ ହାହାକାର ଅବସ୍ଥାରେ ରହିଛନ୍ତି। ଗ୍ରାମରେ ଥିବା ନଳକୂପଟି ଖରାପ ହୋଇଯିବା ଯୋଗୁଁ ପାନୀୟ ଜଳ ପାଇଁ ଗ୍ରାମବାସୀବୃନ୍ଦ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ପାଇପ ଜଳ ପ୍ରକଳ୍ପ ଯୋଗେ ଆବଶ୍ୟକୀୟ ସମୟ ପର୍ଯ୍ୟନ୍ତ ପାଣି ଯୋଗାଇବାକୁ ସେମାନେ ଦାବି କରି ଧାରଣା ଦେଇଛନ୍ତି ବୋଲି କହିଛନ୍ତି ପୂର୍ବତନ ସରପଂଚ ଦିବାକର ଭୋଇ।

ପ୍ରକାଶ ଥାଉକି, ନରଣଗଡ ଗ୍ରାମ ପଂଚାୟତରେ ଓ.ଏମ.ସି. କାର୍ଯ୍ୟାଳୟ କରି ସ୍ଥାନୀୟ ଲୋକଙ୍କ ଭିଟାମାଟିର ଦୈନନ୍ଦିନ ବୃତି କୁ ଅକ୍ତିଆର କରିନେଇ ସରକାର ତଥା ଜଗନ୍ନାଥ ମନ୍ଦିର କାମରେ କୁଣ୍ଡା ପଥର ବ୍ୟବହାର କରୁଛି। ସରକାରଙ୍କ ନିୟମ ଅଛି ଓଡ଼ିଶା ଖଣି ନିଗମ ନିଜ ଅନୁଦାନରେ ସି.ଏସ୍.ଆର. ଫଣ୍ଡ ରୁ ଉକ୍ତ ଅଂଚଳର ବିକାଶ କରିବା କଥା। ମାତ୍ର ସ୍ଥାନୀୟ ଅଂଚଳର ଉକ୍ତ ଦୁଇଗୋଟି କାମ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ଜିଲ୍ଲାପାଳ ଦୁଇଥର ଓଡ଼ିଶା ଖଣି ନିଗମର ମ୍ୟାନେଜି ଡାଇରେକ୍ଟରଙ୍କୁ ଚିଠି କଲେ ମଧ୍ୟ କୌଣସି ଫଳ ହେଉନି ବୋଲି ସେମାନେ ଅଭିଯୋଗ ଆଣିଛନ୍ତି। ତେଣୁ ଆଜି ପୂର୍ବତନ ସରପଞ୍ଚ ଶ୍ରୀ ଭୋଇଙ୍କ ନେତୃତ୍ୱରେ ସାବିତ୍ରୀ ଭୋଇ, ଗୋକୁଳ ଭୋଇ, ସୀତା ଭୋଇଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ।

**● ଡିଜେ କଟକଣା କାର୍ଯ୍ୟକାରୀ ହେଉନି**

## ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା ବରିଷ୍ଠ ନାଗରିକ ମହାସଂଘ



ଖୋର୍ଦ୍ଧା,୨୩।୪(ସମିସ): ପରିବେଶ ସୁରକ୍ଷା ଆଇନ୍, ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ନିୟମ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପ୍ରଭୃତିକୁ ପ୍ରାଣଘାତୀ ଶବ୍ଦ ସୃଷ୍ଟି କରୁଥିବା ଡ଼ିଜେ ବିରୁଦ୍ଧରେ କାର୍ଯ୍ୟକାରୀ କରାଯାଉନାହିଁ। ଏହାକୁ ନେଇ ଖୋର୍ଦ୍ଧା ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ଆଇନ୍‌କୁ କାର୍ଯ୍ୟକାରୀ କରିବା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ବାରମ୍ବାର ଜଣାଇବା ପରେ ଆଇନ୍ ଭଙ୍ଗକାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯିବାରୁ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ଉପଦେଷ୍ଟା ଡ଼. ଯୁଗଳ କିଶୋର ସାହୁ, ସଭାପତି ଡ଼. ଚିନ୍ତାମଣି ମିଶ୍ର ଓ ସମ୍ପାଦକ ରାମଶଙ୍କର ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କୁ ସାକ୍ଷାତ କରି ତାଙ୍କର ହସ୍ତକ୍ଷେପ ଲୋଡ଼ିଛନ୍ତି।

ସଂଘର ଅଭିଯୋଗ ଅନୁସାରେ, ପ୍ରାଣଘାତୀ ଶବ୍ଦ ସୃଷ୍ଟିକାରୀ ଡ଼ିଜେ ଯୋଗୁ ବୟସ୍କ ବ୍ୟକ୍ତି, ଗର୍ଭବତୀ ମହିଳା,ଶିଶୁ ଓ ରୋଗୀ ଡ଼ିଜେର ହୃଦୟ ଥରା ଶବ୍ଦରେ ଯନ୍ତ୍ରଣା ଭୋଗୁଥିବା କୁ ସମସ୍ତେ ଉପଲବ୍ଧ କରୁଥିଲେ ମଧ୍ୟ ପୁଲିସ୍ ଏବଂ ଆଂଚଳିକ ପରିବହନ ଅଧିକାରୀଙ୍କ ନିଷ୍କ୍ରିୟତା, ଉଦାସୀନତା, ଅଧିକ ଯନ୍ତ୍ରଣା ଦାୟକ ହୋଇଛି। ଉପଜିଲ୍ଲାପାଳ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଓ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ନେଇ ବରିଷ୍ଠ ନାଗରିକ ସଂଘଗୁଡ଼ିକର କର୍ମକର୍ତାମାନଙ୍କ ସହିତ ତ୍ରୈମାସିକ ବୈଠକ ଆୟୋଜନ କରିବାକୁ ମହାସଂଘ ପ୍ରତିନିଧି ବୃନ୍ଦ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି।

ବରିଷ୍ଠ ନାଗରିକ ସଂଘର ପଞ୍ଜିକରଣ ପାଇଁ ଦାଖଲ ହେଉଥିବା ଦରଖାସ୍ତଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସ୍ୱୀକୃତି ପ୍ରଦାନ କରିବା, ବରିଷ୍ଠ ନାଗରିକଙ୍କୁ ସମ୍ପୃକ୍ତ ଥାନା ଦ୍ୱାରା ପରିଚୟପତ୍ର ପ୍ରଦାନ କରିବା, ହସ୍ପିଟାଲରେ ସ୍ୱତନ୍ତ୍ର ଧାଡ଼ି କରିବା, ଭୁବନେଶ୍ୱରରୁ ଦକ୍ଷିଣ ଓଡ଼ିଶାକୁ ଯାଉଥିବା ବସ୍ ଗୁଡ଼ିକ ଖୋର୍ଦ୍ଧା ସହରର ନୂଆ ବସ୍‌ଷ୍ଟାଣ୍ଡ ଯାଏଁ ଆସିବା, ବ୍ଲକସ୍ତରୀୟ ଅଧିକାରୀଙ୍କ ଦ୍ୱାରା ପଂଚାୟତସ୍ତରୀୟ ବରିଷ୍ଠ ନାଗରିକ ଅନୁଷ୍ଠାନ ସହିତ ଯୋଗଯୋଗ କରିବା ଦିଗରେ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଅଛି। ଏହି ପରିପ୍ରେକ୍ଷୀରେ ମହାସଂଘର ପ୍ରତିନିଧି ମଣ୍ଡଳୀ ଆଜି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ।

